ସମାଜ
The Samaja

05-11-2020

# ଆଇଆଇଟିରେ ସାମର୍ଥ୍ୟ ବିକାଶ ଶିବିର

ଜଟଣୀ,୪।୧୧(ନି.ପ୍ର): ଜଟଣୀ ଅରୁଗୁଳସ୍ଥିତ ଆଇଆଇଟି କ୍ୟାମ୍ପସ୍‌ରେ ଏଆଇସିଟିଇ ପକ୍ଷରୁ ସାମର୍ଥ୍ୟ ବିକାଶ ଶିବିର ଅନୁଷ୍ଠିତ ହେଉଛି। ୨ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସାମର୍ଥ୍ୟ କାର୍ଯ୍ୟକ୍ରମରେ ଏଆଇସିଟିଇ ଦ୍ୱାରା ସହବନ୍ଧିତ ବୈଷୟିକ ଶିକ୍ଷାନୁଷ୍ଠାନର ଶିକ୍ଷକ ଅଂଶଗ୍ରହଣ କରୁଛନ୍ତି। ଶିକ୍ଷକଙ୍କ ବ୍ୟକ୍ତିଗତ କାର୍ଯ୍ୟକାରିତା ଉପରେ ତାଲିମ ପ୍ରଦାନ କରାଯାଉଛି। କୋଭିଡ୍-୧୯ ସମୟରେ ବୈଷୟିକ ଶିକ୍ଷକ ମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ କୌଶଳ ବିକାଶ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ଭାରତ ସରକାରଙ୍କ ମାନବ ସମ୍ବଳ ବିଭାଗର ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ଡ଼.ବିନୟ ସହସ୍ରବୁଦ୍ଧି,ଏଆଇସିଟିଇର ଚେୟାରମ୍ୟାନ ତଥା ଅଟଳ ଏକାଡ଼େମୀର ନିର୍ଦ୍ଦେଶକ ପ୍ରଫେସର ଅନୀଲ ସହସ୍ରବୁଦ୍ଧି ଅନ୍‌ଲାଇନରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜଟଣୀସ୍ଥିତ ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି.ରାଜକୁମାର, ଡ଼. ରବୀନ୍ଦ୍ର କୁମାର ସୋନୀ ଯୋଗ ଦେଇଥିଲେ। ଆଇଆଇଟିର ଡିନ୍ ପ୍ରଫେସର ପ୍ରଭାସ ରଞ୍ଜନ ସାହୁ,ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ଆଇଆଇଟି ଏସଏଚଏସଏସଏମ୍ ବିଭାଗର ଡ଼.ପୁଣ୍ୟଶ୍ରୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।